
ପାଠ-୧୧

# ପ୍ରକୃତ ବନ୍ଧୁ

**STUDY NOTES**

**MIND MAP**



**ପ୍ରବନ୍ଧର ସାରମର୍ମ**

ଜୀବନର ପ୍ରଥମ ଦଶବର୍ଷ ଅଜ୍ଞାନ ଅବସ୍ଥାରେ ଅତିବାହିତ ହେବା ପରେ ହେତୁ ପାଇବା ଦିନଠାରୁ ସତାବନ ବର୍ଷ ପର୍ଯ୍ୟନ୍ତ ପ୍ରାବନ୍ଧିକ ନାନା କ୍ଷେତ୍ରରେ, ନାନା ପ୍ରସଙ୍ଗରେ, ନାନା ଅବସ୍ଥା ତଥା ସ୍ଥାନରେ ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇ ମଧ୍ୟ ସେଥିରୁ କିଛି ଶିକ୍ଷା କରି ନ ପାରିବା ହିଁ ତାଙ୍କ ପାଇଁ ଗଭୀର ଅନୁତାପର ବିଷୟ ହୋଇରହିଯାଇଛି। ଏହି ଦୀର୍ଘକାଳ ମଧ୍ୟରେ ତାଙ୍କ ସଙ୍ଗେ 'ସାପ୍ତପଦୀନ' ଆଳାପ ପରିଚୟ ତଥା ଦୃଢ଼ତର ସମ୍ପର୍କ ହୋଇଅଛି। କେତେକଙ୍କ ସହିତ ସୌହାର୍ଦ୍ଦ୍ୟ ତଥା ବନ୍ଧୁତା ପ୍ରାପ୍ତି ହୋଇଛି। ସେମାନଙ୍କ ମଧ୍ୟରୁ କେତେକ ମହାପ୍ରସାଦ ବନ୍ଧୁ ବା ପ୍ରୀତିବନ୍ଧୁ, ସଗୋତ୍ର ଓ ଅସଗୋତ୍ର ବନ୍ଧୁ, ସପିଣ୍ଡ ଓ ଅସପିଣ୍ଡ ବନ୍ଧୁ, ସମାନୋଦକ ଓ ଅସମାନୋଦକ ବନ୍ଧୁ, ସାକୁଲ୍ୟ ଓ ଅସାକୁଲ୍ୟ ବନ୍ଧୁ, ସମଧର୍ମୀ ଓ ଅସମଧର୍ମୀ ବନ୍ଧୁ, ସମକର୍ମା ଓ ଅସମକର୍ମା ବନ୍ଧୁ, ସହପାଠୀ ଓ ଅସହପାଠୀ ବନ୍ଧୁ, ସହଯୋଗୀ ଓ ଅସହଯୋଗୀ ବନ୍ଧୁ, ସମଲେଖକ ଓ ଅସମଲେଖକ ବନ୍ଧୁ ସମଦଶାପନ୍ନ ଓ ଅସମଦଶାପନ୍ନ ବନ୍ଧୁ ଅଛନ୍ତି। ସେହି ସମ ଓ ଅସମ ତାଲିକାରେ ବିଷମ ବିଶେଷଣ ବିଶିଷ୍ଟ ବନ୍ଧୁମାନେ ମଧ୍ୟ କଲମ, ସମାଲୋଚନ, ଡାକଘର ଜରିଆରେ ରେଜିଷ୍ଟରି, ମନିଅର୍ଡ଼ର, ଟେଲିଫୋନ୍, ଗ୍ରାମଫୋନ୍, ଟକୀ, ସିନେମା, ପୁସ୍ତକାଦିର ମୁଦ୍ରଣ, ପ୍ରକାଶ ଓ ପ୍ରଚାର ମାଧ୍ୟମରେ ବନ୍ଧୁତ୍ୱ ସ୍ଥାପନ ହୋଇଥିଲା। ଏତଦ୍‌ବ୍ୟତୀତ "ଉତ୍ସବେ ବ୍ୟସନେଚୈବ ଦୁର୍ଭିକ୍ଷେ ରାଷ୍ଟ୍ରବିପ୍ଲବେ, ରାଜଦ୍ୱାରେ ଶ୍ମଶାନେ ଚ ଯଃ ତିଷ୍ଠତି ସ ବାନ୍ଧବଃ" ଏହି ଉକ୍ତି ଅନୁଯାୟୀ ବହୁ ବନ୍ଧୁଙ୍କର ସମାଗମ ମଧ୍ୟ ହୋଇଥିଲା।

ପଣ୍ଡିତମାନଙ୍କ ମତରେ ସତ୍ ମିତ୍ରର ଲକ୍ଷଣ ହେଲା- ପ୍ରକୃତ ମିତ୍ର ମିତ୍ରକୁ ପାପକାର୍ଯ୍ୟରୁ ନିବୃତ୍ତ କରାନ୍ତି। ସର୍ବଦା ମିତ୍ରଙ୍କର ହିତସାଧନରେ ରତ ହୁଅନ୍ତି, ମିତ୍ରଙ୍କର ଗୋପନୀୟ ବିଷୟକୁ ଗୋପନ ରଖିବା ସହିତ ଅପ୍ରକଟିତ ଗୁଣକୁ ପ୍ରକଟିତ କରନ୍ତି। ସମ୍ପଦ କାଳରେ ମିତ୍ରଙ୍କ ନିକଟରେ ରହିବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ; କିନ୍ତୁ ବିପଦ କାଳରେ ପାଖେ ପାଖେ ରହିଥା'ନ୍ତି।

ପ୍ରାବନ୍ଧିକ ବିଗତ ସତାବନ ବର୍ଷ ମଧ୍ୟରେ ଅର୍ଜିତ ବନ୍ଧୁମାନଙ୍କୁ ପ୍ରକୃତ ବନ୍ଧୁର ସେହି କଷଟି ପଥରରେ ପରୀକ୍ଷା କରି ଚାରିଜଣ ପ୍ରକୃତ ବନ୍ଧୁ ମଧ୍ୟ ପାଇପାରିଲେ ନାହିଁ। ସେମାନଙ୍କ ମଧ୍ୟରୁ କେତେକ ଧନରେ ମୁଗ୍ଧ ହୋଇ ମିତ୍ରତା କରିଥିଲେ ଓ

କେତେକ ପ୍ରତିପତ୍ତି ଯୋଗୁଁ, ଆଉ କେତେକ ପଦବୀ ଯୋଗୁଁ ସେମାନଙ୍କ ଉପସ୍ଥିତ ତଥା ଭବିଷ୍ୟତ କାର୍ଯ୍ୟ ସାଧନ ନିମନ୍ତେ ପ୍ରାବନ୍ଧିକଙ୍କ ସହ ବନ୍ଧୁତାର ଡୋରି ଲଗାଇଥିଲେ। ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରାବନ୍ଧିକଙ୍କ ମୁଣ୍ଡରେ ନଡ଼ିଆ ଭାଙ୍ଗି ଉଖୁଡ଼ା ଖାଉଥିଲେ; କିନ୍ତୁ ସାପ ଦେହରୁ କାତି ଛାଡ଼ିଗଲା ପରି ପ୍ରାବନ୍ଧିକଙ୍କ ପାଖରୁ ଧନ, ପ୍ରତିପତ୍ତି, ପଦବୀ, କାର୍ଯ୍ୟସାଧନ ଶକ୍ତି ଚାଲିଯିବା ପରେ ସେହି ବନ୍ଧୁମାନେ ସମ୍ପୂର୍ଣ୍ଣଭାବେ ଉଭେଇଗଲେ।

କାର୍ଯ୍ୟହାସଲ ଉଦ୍ଦେଶ୍ୟ ରଖି ବନ୍ଧୁତା ସ୍ଥାପନ କରିଥିବା ବନ୍ଧୁମାନଙ୍କ ମଧ୍ୟରୁ ଅଧିକାଂଶ ମହାପ୍ରସାଦ ବା ଖୋଦାଙ୍କ ନାମରେ ବନ୍ଧୁତ୍ୱ କରିଥା'ନ୍ତି। ସେହି ମହାପ୍ରସାଦ ବା ଖୋଦାଙ୍କ ନାମ ନିଶାରେ ପ୍ରାବନ୍ଧିକ ସେମାନଙ୍କ ହାତକୁ ତାଙ୍କ ବାଡ଼ି ଦୁଆରର ଗଳିକବାଟର କଞ୍ଚି ବଢ଼ାଇ ଦେଇଥିଲେ। ଅର୍ଥାତ୍ ବନ୍ଧୁତ୍ୱର ଦୃଢ଼ବିଶ୍ୱାସ ମଧ୍ୟରେ ସେମାନେ ସମସ୍ତ ଦୁର୍ବଳତାକୁ ଜାଣିଯାଇଥିଲେ। କାର୍ଯ୍ୟ ହାସଲ ପରେ ବନ୍ଧୁତ୍ୱର ବନ୍ଧନ ହୁଗୁଳା ହୋଇଗଲା। ଭବିଷ୍ୟତରେ ଅଧିକ ଉପକାର ହେବା ଆଶାରେ ସେମାନେ ବିପକ୍ଷଙ୍କୁ ଆଶ୍ରାକରି ପ୍ରାବନ୍ଧିକଙ୍କ ନାମରେ ଦୁର୍ନାମ, ରଟିବା, ତାଙ୍କ ବିରୋଧରେ ଧର୍ମାଧିକରଣରେ, ସମାଜର ଇଜ୍‌ଲାସରେ ମଧ୍ୟ ସାକ୍ଷ୍ୟ ଦେବାକୁ କୁଣ୍ଠାବୋଧ କଲେ ନାହିଁ।

ଦିନେ ଜଣେ ମହାତ୍ମା ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କୁ କହିଲେ- "ଅମୁକ ଆପଣଙ୍କ ନାମରେ ଭାରି ଦୁର୍ନାମ ରଚନା କରୁଛନ୍ତି।" ମହାପୁରୁଷ ନୀରବ ରହିବାରୁ ରିପୋର୍ଟକାରୀ ନୀରବତାର କାରଣ ପଚାରିଲେ। ଈଶ୍ୱରଚନ୍ଦ୍ର ଉତ୍ତର ଦେଲେ, "ନିନ୍ଦାକାରୀଙ୍କର ମୁଁ କେବେ କୌଣସି ଉପକାର କରିଛି କି ନାହିଁ ଏହି କଥାର ହେଜ କରୁଥିଲି। ମୁଁ ତାଙ୍କର କେବେ କିଛି ଉପକାର କରିଛି ବୋଲି ମୋର ସ୍ମରଣ ହେଉନାହିଁ; ଏପରି ଅବସ୍ଥାରେ ସେ କାହିଁକି ମୋ ଦୁର୍ନାମ କରିବାରେ ମାତିଛନ୍ତି, ମୁଁ ବୁଝିପାରୁନାହିଁ।"